# Sample Question Paper - 8
# (2020 - 2021)
# ଓଡ଼ିଆ

**ODIA** (013)

**CLASS:X**

ସାଧାରଣ ନିର୍ଦ୍ଦେଶାବଳୀ

- ଏହି ପ୍ରଶ୍ନ ପତ୍ରରେ ଦୁଇଟି ବିଭାଗ ରହିଛି । 'କ' ବିଭାଗ ଓ 'ଖ' ବିଭାଗ ।
- 'କ' ବିଭାଗରେ ବସ୍ତୁନିଷ୍ଠ (Objective Question) ପ୍ରଶ୍ନ ପଚରାଯାଇଛି ।
- 'କ' ବିଭାଗରେ ଦିଆଯାଇଥିବା ନିର୍ଦ୍ଦେଶପାଳନ କରି କେବଳ ୪୦ଟି MCQ ଉତ୍ତର ଦେବ ।
- 'ଖ' ବିଭାଗରେ ବର୍ଣ୍ଣନାତ୍ମକ / ଲିଖନମୂଳକ ପ୍ରଶ୍ନ (Descriptive Question) ପଚରାଯାଇଛି

TIME : 3hrs. F.M:80

## କ ବିଭାଗ

୧. ନିମ୍ନଲିଖିତ ଅନୁଚ୍ଛେଦଟି ପାଠକରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୪ × ୧)

ମଣିଷର ବ୍ୟବହାର ହିଁ ତା'ର ପ୍ରକୃତ ପରିଚୟ ଜଣାଇଥାଏ । ମାର୍ଜିତ ବ୍ୟବହାରସମ୍ପନ୍ନ ବ୍ୟକ୍ତି ସବୁ କ୍ଷେତ୍ରରେ ଆଦୃତ ଓ ସମ୍ମାନିତ ହୋଇଥାଏ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମଣିଷର ମନକୁ ନିୟନ୍ତ୍ରିତ କରି ବ୍ୟବହାରକୁ ଶୃଙ୍ଖଳିତ କରାଇବା । ବିଦ୍ୱାନ ବ୍ୟକ୍ତିଗଣ, ସର୍ବଦା ଶୁଦ୍ଧ ଓ ଗ୍ରହଣୀୟ ବ୍ୟବହାରକୁ ଗୁରୁତ୍ୱ ଦେଇଥାନ୍ତି । ଯାହା ତୁମ ନିଜକୁ ପସନ୍ଦ ନୁହେଁ, ତାହା ଅନ୍ୟକୁ ପ୍ରଦର୍ଶନ କରିବ କିପରି ? ବ୍ୟବହାରରୁ ଜନ୍ମନିଏ ଶିଷ୍ଟାଚାର ଓ ତାହା ବିଶାଳ ରୂପରେ ସଭ୍ୟତାର ନିଦର୍ଶନ ପାଲଟିଯାଏ । ବିଖ୍ୟାତ ଲେଖକ ପ୍ରେମଚାନ୍ଦ ଏକଦା କହିଥିଲେ - ଯାହାକୁ ବ୍ୟବହାର ଜଣାନାହିଁ, ତା'କୁ ମଣିଷ ରୂପରେ ଗଣ୍ୟ କରାଯାଇପାରିବ ନାହିଁ । ବ୍ୟବହାର ସଂପର୍କରେ ପରାଜିତ ରାଜା ପୁରୁ ଯେଉଁ ଉତ୍ତର ବିଜୟୀ ରାଜା ଆଲେକ୍‌ଜାଣ୍ଡାରଙ୍କୁ ଦେଇଥିଲେ । ତାହା ଉଭୟ ଇତିହାସ ଓ କିମ୍ବଦନ୍ତୀ ପାଲଟିଗଲା । ସ୍ୱାଭିମାନୀ ବ୍ୟକ୍ତିମାନେ ଉଚିତ ବ୍ୟବହାରକୁ ମୂଳଧନ ବା ପୁଞ୍ଜିକରି ସମାଜରେ

ସମାଦୃତ ହୋଇଥାନ୍ତି । ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ବ୍ୟବହାର ବା ଆଚରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର, ପରିତାପର ବିଷୟ ଆଜକାଲି ଶିକ୍ଷିତ ସଂପ୍ରଦାୟ ଅନେକ ସ୍ଥଳରେ ଏହାର ମହତ୍ତ୍ୱ ପ୍ରତିପାଦନ କରିବାରେ ବିଫଳ ହେଉଛନ୍ତି । ବ୍ୟବହାର ଭୁଲିଯାଇ ଉଦ୍ଧତ ବା ଅଶିଷ୍ଟ ପରି ଆଚରଣ ଦେଖାଉଛନ୍ତି । ଏପରି ସ୍ଥଳେ, ସେମାନଙ୍କୁ ପ୍ରକୃତ ଅର୍ଥରେ ଶିକ୍ଷିତ ବୋଲି ଆମେ କେମିତି କହିପାରିବା ? ବାସ୍ତବରେ ସେମାନେ ଶିକ୍ଷିତ ନୁହନ୍ତି । ସାକ୍ଷର ମାତ୍ର ।

ପ୍ରଶ୍ନାବଳୀ:

(କ) କେଉଁ ବ୍ୟକ୍ତି ସବୁକ୍ଷେତ୍ରରେ ସମ୍ମାନିତ ହୋଇଥାଏ ?

(ଖ) ଶିକ୍ଷାର ମୂଳ ଉଦ୍ଦେଶ୍ୟଟି କ'ଣ ?

(ଗ) ମଣିଷଣ ବ୍ୟବହାର ସଂପର୍କରେ ପ୍ରେମଚାନ୍ଦ କ'ଣ କହିଥିଲେ ?

(ଘ) ଗୁରୁକୁଳ ବ୍ୟବସ୍ଥାର ବିଶେଷତ୍ୱ କେଉଁଠାରେ ନିହିତ ଥିଲା ?

(ଙ) କେଉଁମାନଙ୍କୁ ଶିକ୍ଷିତ କୁହାଯାଇପାରିବ ନାହିଁ ?

୨. ନିମ୍ନଲିଖିତ ପଦ୍ୟାଂଶଟି ପାଠକରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫ × ୧)

ବୋଇଲେ ତାକୁ ପ୍ରଶଂସି, "ତୁମେ ତିମିର ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ ।"
ଉତ୍ସୁକ ହୃଦୟେ ରାତ୍ରି - ଶେଷରେ ଆଶ୍ରମଧାତ୍ରୀ
ତମସା ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ ।।
ଉଟଜୁ ତାପସକନ୍ୟା ଗଣଙ୍କ ଆଦର-ବନ୍ୟା
ପ୍ଲାବନେ ଜଗତ-ଧନ୍ୟା-ସତୀ ରତନ
ବାହାରି ଅବଗାହନେ ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ;
ସତୀଙ୍କି ତମସା ଅଙ୍କରେ
ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ

প্রশ্নাবলী :

(କ) ରବି ଆଗମନ ଶଂସୀ ଏଠାରେ କାହାକୁ କୁହାଯାଇଛି ?

(i) ତମସାଙ୍କୁ (ii) ସୀତାଙ୍କୁ

(iii) ଉଷାଙ୍କୁ (iv) ଅନୁକମ୍ପାଙ୍କୁ

(ଖ) ସୀତାଙ୍କ ଶୁଭ ଆଗମନକୁ କିଏ ଚାହିଁ ରହିଥିଲା ?

(i) ଅନୁକମ୍ପା (ii) ବାଲ୍ମିକୀ

(iii) ତାପସକନ୍ୟା (iv) ତମସା

(ଗ) "ତହିଁ ଯାଉଛି ଶରଣ ଦୃଢ଼ ଆଶାରେ" – ଏହି ଧାଡ଼ିଟିରେ କିଏ କାହାର ଶରଣରେ ଯାଉଛି ?

(i) ସୀତାଙ୍କ ଚରଣରେ ଉଷା (ii) ତମସାଙ୍କ ଚରଣରେ ସୀତା

(iii) ଉଷାଙ୍କ ଚରଣରେ ସୀତା (iv) ଏ ସମସ୍ତ ଉତ୍ତର ଭୁଲ୍

(ଘ) ଉଷାଙ୍କୁ ପ୍ରଶଂସାକରି ସତୀ ସୀତା କେଉଁ ବାକ୍ୟଟି କହିଛନ୍ତି ?

(i) ଉଷା ବିକଚ ରାଜୀବ ଦୃଶା (ii) ଉଷା ଜାନକୀ ଦର୍ଶନ ତୃଷାର୍ତ୍ତ

(iii) ଉଷା ମଂଗଳ ଆଗମନୀ (iv) ଉଷା ତିମିର ବିଧ୍ୱଂସୀ

(ଙ) ଏହି ପଦ୍ୟାଂଶଟି 'ତପସ୍ୱିନୀ' କାବ୍ୟର କେଉଁ ସର୍ଗରୁ ସଂଗୃହୀତ ?

(i) ଷଷ୍ଠ ସର୍ଗ (ii) ଚତୁର୍ଥ ସର୍ଗ

(iii) ପଞ୍ଚମ ସର୍ଗ (iv) ଦ୍ୱିତୀୟ ସର୍ଗ

୩. ନିର୍ଦ୍ଦେଶ ଅନୁଯାୟୀ ପ୍ରଶ୍ନ ଗୁଡ଼ିକ ସ୍ଥାନରେ ✓ଚିହ୍ନ ଲଗାଅ । (୪)

(କ) ମୁଁ ତାଙ୍କୁ ବୁଝାଇ କହିଲି, କିନ୍ତୁ ସେ ବୁଝିଲେ ନାହିଁ – ଏହି ବାକ୍ୟଟି ଜଟିଳ ବାକ୍ୟରେ କ'ଣ ହେବ ?

(i) ମୁଁ ତାଙ୍କୁ ଯେତେ ବୁଝାଇ କହିଲି, ସେ ବୁଝିଲେ ନାହିଁ ।

(ii) ଯେତେବେଳେ ମୁଁ ବୁଝାଇ କହିଲି, ସେ ବୁଝିଲେ ନାହିଁ ।

(iii) ଯାହା ତାଙ୍କୁ ମୁଁ ବୁଝାଇ କହିଲି, ସେ ବୁଝିଲେ ନାହିଁ ।

(iv) ମୁଁ ଯେଉଁ କଥା ତାଙ୍କୁ ବୁଝାଇ କହିଲି, ସେ ବୁଝିଲେ ନାହିଁ ।

(ଖ) ଛୁଟି ଘଣ୍ଟା ବାଜିଲା ଓ ପିଲାମାନେ ପଳାଇଗଲେ – ଏଇଟି କି ପ୍ରକାର ବାକ୍ୟ ?

(i) ସରଳ (ii) ଜଟିଳ

(iii) ଯୌଗିକ (iv) ମିଶ୍ର

(ଗ) ଯେଉଁ ରାମଚନ୍ଦ୍ର ଅଯୋଧ୍ୟାପତି, ସେ ଲଙ୍କେଶ୍ୱର ରାବଣକୁ ବଧ କରିଥିଲେ – ଯୌଗିକ ବାକ୍ୟରେ କ'ଣ ହେବ ?

(i) ରାମଚନ୍ଦ୍ର ଥିଲେ ଅଯୋଧ୍ୟାର ପତି, ତେଣୁ ସେ ଲଙ୍କେଶ୍ୱର ରାବଣକୁ ବଧ କରିଥିଲେ ।

(ii) ରାମଚନ୍ଦ୍ର ଅଯୋଧ୍ୟାର ପତି ଏବଂ ସେ ଲଙ୍କେଶ୍ୱର ରାବଣକୁ ବଧ କରିଥିଲେ ।

(iii) ଯେହେତୁ ରାମଚନ୍ଦ୍ର ଅଯୋଧ୍ୟାର ପତି ତେଣୁ ସେ ଲଙ୍କେଶ୍ୱର ରାବଣକୁ ବଧ କରିଥିଲେ ।

(iv) ଏଥି ମଧ୍ୟରୁ କେଉଁଟା ବି ଠିକ୍ ନୁହେଁ ?

(ଘ) ଲୋକ ଯେପରି କର୍ମ କରେ, ସେ ପରି ଫଳ ପାଏ । – ସରଳ ବାକ୍ୟରେ କ'ଣ ହେବ ?

(i) ଲୋକ କର୍ମ ଅନୁରୂପ ଫଳ ପାଏ ।

(ii) ଯେ ଯେମିତି କର୍ମ କରେ ତା' ଅନୁରୂପ ଫଳ ପାଏ ।

(iii) କର୍ମ କରିବା ଲୋକ କର୍ମ ଅନୁସାରେ ଫଳ ପାଏ ।

(iv) କାମିକା ଲୋକ କର୍ମ ଅନୁସାରେ ଫଳ ପାଏ ।

(ଙ) ଏ ଜଗତର ପରିବର୍ତ୍ତନଶୀଳତା କାହାରିକୁ ଅବିଦିତ ନାହିଁ – ଜଟିଳ ବାକ୍ୟରେ କ'ଣ ହେବ ?

(i) ଏ ଜଗତ ପରିବର୍ତ୍ତନଶୀଳ ଓ ଏ କଥା କାହରିକୁ ଅବିଦିତ ନାହିଁ ।

(ii) ଏ ଜଗତ ଯେ ପରିବର୍ତ୍ତନଶୀଳ, ଏ କଥା କାହାରିକୁ ଅବିଦିତ ନାହିଁ ।

(iii) ଯେଉଁ କଥା କାହାକୁ ଅବିଦିତ ନାହିଁ, ତାହା ହେଉଛି ଏ ଜଗତ ପରିବର୍ତ୍ତନଶୀଳ ।

(iv) ଜଗତ ଯେ ପରିବର୍ତ୍ତନଶୀଳ, ଏ କଥା ସମସ୍ତଙ୍କୁ ବିଦିତ ଅଛି ।

୪. ଉତ୍ତର ପର୍ଯ୍ୟାୟ ମଧ୍ୟରୁ ଶୁଦ୍ଧ ଶବ୍ଦଟିକୁ ବାଛି ସେଥିରେ ଠିକ୍ ଚିହ୍ନ ଲଗାଅ । (୫)

(କ) (i) ଅବସର୍ଣ୍ଣ (ii) ଅବସନ୍ନ (iii) ଅବଶନ୍ନ (iv) ଅବଷନ୍ନ

(ଖ) (i) ସର୍ଜନ (ii) ସୃଜନ (iii) ଶୃଜନ (iv) ଶର୍ଜନ

(ଗ) (i) ଦାଶରଥୀ (ii) ଦାସରଥି (iii) ଦାଶରଥି (iv) ଦଶରଥି

(ଘ) (i) ଅନୁଗୃହୀତ (ii) ଅନୁଗ୍ରହ (iii) ଅନୁଗୃହିତ (iv) ଅନୁଗ୍ରହିତ

(ଙ) (i) ଅପଦସ୍ଥ (ii) ଅପଦସ୍ତ (iii) ଅପଦସ୍ଥ (iv) ଆପଦସ୍ତ

୫. ନିମ୍ନଲିଖିତ ରୂଢ଼ି ପ୍ରୟୋଗର ଅର୍ଥ ବୁଝାଉଥିବା ବିକଳ୍ପଟିକୁ ବାଛି ଲେଖ । (୫)

(କ) ଆଖିଦେବା -

(i) ଲୋଭ କରିବା (ii) ଯତ୍ନ କରିବା

(iii) ନଜର ଦେବା (iv) ନିରିଖେଇ ଦେଖିବା

(ଖ) ଚଳୁ କରିଦେବା -

(i) ଖାଇ ଶେଷ କରିଦେବା (ii) ଧ୍ୱଂସ କରିଦେବା

(iii) ସବୁ ଶେଷ କରିଦେବା (iv) ଚଳୁରେ ପାଣି ପିଇବା

(ଗ) କୁହୁଡ଼ି ପହଁରିବା –

(i) କୁହୁଡ଼ିକୁ ନ ମାନି ଆଗକୁ ଯିବା (ii) ବୃଥା ପରିଶ୍ରମ କରିବା

(iii) କୁହୁଡ଼ିରେ ପହଁରିବା (iv) ଦୋଷ କାଢ଼ିବା

(ଘ) ଅନ୍ଧାରକୁ ଟେକା ପକାଇବା

(i) ଅନୁମାନ କରି କହିବା (ii) ଅନୁଭବ କରି କହିବା

(iii) ଚାଲାକି କରି କହିବା (iv) ଅନ୍ୟ ମୁଣ୍ଡରେ ଦୋଷ ଲଦିବା

(ଙ) ପାଣି ପିଆଇବା

(i) ପାଣିରେ ବୁଡ଼ାଇ ମାରିବା (ii) ହଇରାଣ କରିବା

(iii) ଦାଉ ସାଧିବା (iv) ପାଣି ପିଆଇଦେବା / ପାଣି ପିଇବାକୁ ଦେବା

୬. (କ) ଅମୃତ ବିନୟ ବଚନ (୫)

କହି ତୋଷିବ ପ୍ରାଣୀ ମନ

ଏହି ପଦ୍ୟାଂଶଟି କେଉଁ ଛାନ୍ଦର ଅନ୍ତର୍ଭୁକ୍ତ ?

(i) ବଙ୍ଗଳାଶ୍ରୀ (ii) ନଟବାଣୀ

(iii) ଭାଗବତ ବାଣୀ (iv) ଚୋଖି

(ଖ) ବଂଗଳାଶ୍ରୀ ଛନ୍ଦର ଅକ୍ଷର ସଂଖ୍ୟା କେତେ ?

(i) ୨୦ (ii) ୧୮

(iii) ୧୨ (iv) ୧୫

(ଗ) ନବାକ୍ଷରୀ ବୃତ୍ତ କାହାକୁ କୁହାଯାଏ ?

(i) ଗୁଜ୍ଜରୀ ଛନ୍ଦକୁ (ii) ନଅଟି ଅକ୍ଷର ଯେଉଠି ଥାଏ

(iii) ଯେଉଁ ଛନ୍ଦ ନଅଟି ଅକ୍ଷର ବିଶିଷ୍ଟ (iv) ଏଥିରୁ କେଉଁଟା ବି ନୁହେଁ

(ଘ) ପ୍ରଥମ ଓ ଦ୍ୱିତୀୟ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ କେଉଁ ଛନ୍ଦରେ ଦେଖାଯାଏ ?

(i) ନଟବାଣୀ (ii) ରାମକେରୀ

(iii) ବଂଗଳାଶ୍ରୀ (iv) ଭାଗବତ ବାଣୀ

(ଙ) କବି ଜଗନ୍ନାଥ ଦାସଙ୍କ ଭାଗବତ କେଉଁ ଛନ୍ଦରେ ରଚିତ ?

(i) ବିଭାଗ କେଦାର (ii) ରାମକେରୀ

(iii) ବଂଗଳାଶ୍ରୀ (iv) ଭାଗବତ ବାଣୀ

୭. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୪)

(କ) ପଲ୍ଲୀଗ୍ରାମରେ କେଉଁ ପରମ୍ପରା ଗଢ଼ି ଉଠିଥାଏ ?

(i) ଦେଶପ୍ରେମ (ii) ସାଂସ୍କୃତିକ ଜାଗରଣ

(iii) ଏକ ପରିବାରତ୍ୱ (iv) ପାରସ୍ପରିକ ଶତ୍ରୁତା

(ଖ) ବିଜ୍ଞାନ କ'ଣ କମାଇ ଦେଇଛି ବୋଲି ଅନେକ ଅଭିଯୋଗ କରିଥାନ୍ତି ?

(i) ଗବେଷଣା ମନୋଭାବ (ii) ସହନଶୀଳତା

(iii) ଭ୍ରାତୃତ୍ୱବୋଧ (iv) ଧର୍ମଭାବ ଓ ଈଶ୍ୱରବିଶ୍ୱାସ

(ଗ) ମାତୃଭାଷାର ବିକାଶ ନିମନ୍ତେ କେଉଁଟି କାମ୍ୟ ନୁହେଁ ?

(i) ବିଦେଶୀ ଭାଷା ପ୍ରୀତି (ii) ସ୍ୱାଭିମାନ

(iii) ମାତୃଭାଷାରେ ଶିକ୍ଷା (iv) ଶାସକଙ୍କ ଆନ୍ତରିକତା

(ଘ) ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରରେ ରଖିଛି ?

(i) ଆଞ୍ଚଳିକ ଭାଷା (ii) ମାତୃଭାଷା

(iii) ଇଂରେଜି ଭାଷା (iv) ଅନ୍ଧବିଶ୍ୱାସ

(ଙ) 'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧଟି କେଉଁ ପୁସ୍ତକରୁ ଅଂଶବିଶେଷ ?

(i) ସ୍ୱାମୀ ବିବେକାନନ୍ଦ (ii) ମହାପୁରୁଷ ବିବେକାନନ୍ଦ

(iii) ମନୀଷୀ ବିବେକାନନ୍ଦ (iv) ଛତ୍ରପତି ବିବେକାନନ୍ଦ

୮. (କ) କବି ଭାଷାକୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ? (୪)

(i) ଅନୁକମ୍ପା (ii) ଯୋଗେଶ୍ୱରୀ

(iii) ବୈଦେହୀ (iv) ତମସା

(ଖ) 'ମଙ୍ଗଳା ଅଇଲା ଉଷା' କେଉଁ କାବ୍ୟରୁ ସଂଗୃହୀତ ?

(i) ଉତ୍କଳଲକ୍ଷ୍ମୀ (ii) ଇନ୍ଦୁମତୀ (iii) ତପସ୍ୱିନୀ (iv) ପ୍ରଣୟବଲ୍ଲରୀ

(ଗ) କ'ଣ ଲୁପ୍ତ ହେଉ ବୋଲି କବି କାମନା କରିଛନ୍ତି ?

(i) ଭୋକଜ୍ୱାଳା (ii) ଜାତି ଉପଜାତି (iii) ଅତୀତସ୍ମୃତି (iv) ଆଳସ୍ୟ

(ଘ) କ'ଣ ଖୋଜିଦେବା ପାଇଁ କବି ମାଟି ମା'କୁ ନିବେଦନ କରିଛନ୍ତି ?

(i) ଧନସଂପତ୍ତି (ii) ଅତୀତର ସ୍ମୃତି

(iii) ହଜିଲାଦିନ (iv) ଚେତନାର ଚାବିକାଠି

(ଙ) 'ଗଲାଣି ତ ଗଲା କଥାରେ ସଂଗୀତ' – କାହାର ରଚନା ?

(i) ରାଧାନାଥ ରାୟ (ii) ମଧୁସୂଦନ ରାଓ

(iii) ବଳଦେବ ରଥ (iv) ସାଲବେଗ

୯. ଯେ କୌଣସି ପାଞ୍ଚୋଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (୫ × ୨)

(କ) ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇ ପଡ଼ିଲେ ?

(ଖ) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(ଗ) ସନ୍ନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ଦେଇଥିଲେ ?

(ଘ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

(ଙ) ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

(ଚ) ମାଟିର ମା' ଆମଦୋଷକୁ କାହିଁକି କ୍ଷମା କରିଛି ?

(ଛ) ପଲ୍ଲୀରେ ଏକ ପରିବାରତ୍ୱ ଗଢ଼ିଉଠିବାର ପ୍ରମାଣ ମିଳେ ?

୧୦. ଯେ କୌଣସି ଗୋଟିଏର ସରଳାର୍ଥ ଲେଖ : (୫)

(କ) ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

(ଖ) ଭୋଜିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତା'ଙ୍କ ହୃଦୟ ବିଗଳିତ ହେଲା ।

୧୧. ଯେ କୌଣସି ଗୋଟିଏର ସରଳାର୍ଥ ଲେଖ : (୫)

(କ) ଦେବା ପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ !

(ଖ) ଭିନ୍ନ କରି ସେ ତନ୍ଦ୍ରାପରଶ
ହସାଅ ଭୁବନ ସାରା ।

୧୨. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (୫)

(କ) ଧଉମାର ବଳିଦାନ କିପରି ସମଗ୍ର ଜାତିକୁ ଉଦ୍‌ବୁଦ୍ଧ କରିଆସିଛି, ପଠିତ ଏକାଙ୍କିକା ଅବଲମ୍ବନରେ ପ୍ରମାଣ କର ।

(ଖ) ସଂସାରଟା ତତଲା ଲୁହା କଡ଼େଇ ବୋଲି କିଏ କେତେବେଳେ ତୁଳନା କରିଛନ୍ତି ?

(ଗ) ମଣିଷ ମାନେ ସଂସାର ବନ୍ଧନ କହିଲେ କ'ଣ ବୁଝନ୍ତି ?

୧୩. ଯେ କୌଣସି ଗୋଟିଏ ରଚନା ଲେଖ: (୮)

ଗଣମାଧ୍ୟମର ଗୁରୁତ୍ୱ ଓ ଦାୟିତ୍ୱ

ସବୁଜ ପୃଥିବୀ

ଆଦର୍ଶ ଛାତ୍ର ଜୀବନ

୧୪. ଯେ କୌଣସି ଗୋଟିଏ ପତ୍ର ଲେଖ । (୭)

(କ) 'ପଲିଥିନ୍ ବ୍ୟବହାରର ଅପକାରିତା' ବିଷୟରେ ଜନ ସଚେତନତା ସୃଷ୍ଟି ପାଇଁ କୌଣସି ଏକ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।

(ଖ) ତୁମ ଅଞ୍ଚଳରେ ପାନୀୟ ଜଳର ଅଭାବ ସଂପର୍କରେ ଅଭିଯୋଗ ସତ୍ତ୍ୱେ କୌଣସି ବ୍ୟବସ୍ଥା କରାଯାଉ ନାହିଁ । ଏ ବିଷୟରେ ଏକ ବିବରଣୀ ପ୍ରକାଶ କରିବା ପାଇଁ ସମ୍ବାଦ ପତ୍ରର ସଂପାଦକଙ୍କୁ ପତ୍ର ଲେଖ ।

# Marking Scheme
# Class – X
# ODIA (013)
## 'କ' ବିଭାଗ

1. ପ୍ରଦତ୍ତ ଅନୁଛେଦଟି ପଢ଼ି ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ- 5 X1

   କ) ମାର୍ଜିତ ବ୍ୟବହାର ସମ୍ପନ୍ନ ବ୍ୟକ୍ତି ସବୁ କ୍ଷେତ୍ରରେ ଆଦୃତ ଓ ସମ୍ମାନିତ ହୋଇଥାଏ ।

   ଖ) ମଣିଷର ମନକୁ ନିୟନ୍ତ୍ରିତ କରି ବ୍ୟବହାରକୁ ଶୃଙ୍ଖଳିତ କରାଇବା ।

   ଗ)ଯାହାକୁ ବ୍ୟବହାର ଜଣାନହିଁ , ତାକୁ ମଣିଷ ରୂପରେ ଗଣାଯାଇ ପାରିବ ନହିଁ ।

   ଘ)ଆଚରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଥିଲା ।

   ଙ) ବ୍ୟବହାର ଭୁଲିଯାଇ ଉଦ୍ଧତ/ ଅଶିଷ୍ଟ ପରି ଆଚରଣ ଦେଖାଇବା ।

2.) କ) ଉଷାଙ୍କୁ ଖ) ତମସା ଗ)ଉଷାଙ୍କ ଚରଣ ରେ ସୀତା ଘ)ଉଷା ତିମିର ବିଧ୍ୱଂସୀ 5 X1

   ଙ)ଚତୁର୍ଥ ସର୍ଗରୁ

3) କ) ମୁଁ ତାଙ୍କୁ ଯେତେ ବୁଝାଇ କହିଲି ଏବଂ ,ସେ ବୁଝିଲେ ନହିଁ । 5 X1

   ଖ) ଯୌଗିକ

   ଗ) ରାମଚନ୍ଦ୍ର ଆଯୋଧାର ପତି ଏବଂ, ସେ ଲଙ୍କେଶ୍ୱର ରାବଣକୁ ବଧ କରିଥିଲେ

   ଘ) ଲୋକ କର୍ମ ଅନୁରୂପ ଫଳ ପାଏ ।

   ଙ) ଜଗତ ଯେ ପରିବର୍ତନଶୀଳ , ଏ କଥା ସମସ୍ତଙ୍କୁ ବିଦିତ ଅଛି ।

4 ) କ) ଅବସନ୍ନ , ଖ) ସର୍ଜନ , ଗ) ଦାଶରଥି , ଘ) ଅନୁଗ୍ରହ , ଙ)ଅପଦସ୍ତ 5 X 1

5)କ) ଲୋଭ କରିବା ଖ) ସବୁ ଶେଷ କରିଦେବା ଗ) ବୃଥା ପରିଶ୍ରମ କରିବା 5 X 1

   ଘ) ଅନୁମାନ କରି କହିବା ଙ) ହଇରାଣ କରିବା

6 ) କ) ଭାଗବତ ବାଣୀ ଖ)18 ଗ )ଗୁର୍ଜରୀ ଘ )ବଙ୍ଗଳାଶ୍ରୀ 5 )

7) କ) ଏକପରିବାରଭୁ ଖ) ଧର୍ମଭାବ ଓ ଈଶ୍ୱର ବିଶ୍ୱାସ ଗ) ବିଦେଶୀଭାଷା ପ୍ରୀତି ଘ)ଇଂରେଜୀ ଭାଷା (୯)

ଙ) ଛତ୍ରପତି ବିବେକାନନ୍ଦ (କ) ଯୋଗେଶ୍ୱରୀ ଖ) ତପସ୍ୱୀନୀ ଗ) ଜାତି ଉପଜାତି ଘ) ଚେତନାର (୫)

ଚାବିକାଠି ଙ) ବଳଦେବ ରଥ

୯) କ ) ପାଞ୍ଚାଳିଙ୍କ ପାଞ୍ଚ ପୁତ୍ରର କଟାମୁଣ୍ଡ ଦେଖି ଖ) ଭଲ ଭଲ ଅଭିଜ୍ଞ କୃଷକମାନେ ସାମୟିକ 5X2

ଶିକ୍ଷା ଗ୍ରହଣ କରି ଲାଭବାନ ହୁଅାନ୍ତେ ।

ଗ) ଭୋକିଲା ଜନ ସମୂହର ଦୁର୍ଦ୍ଦଶା ମୋଚନ କରିବା ନିମନ୍ତେ ସେବା ବ୍ରତ ଆଚରଣ କରି ଈଶ୍ୱର ଉପଲବ୍ଧି

କରିବାର ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ।

ଘ)ଝରଣାର ନାଦ ,ଝିଙ୍କାରିର ଶବ୍ଦ

ଙ) ସମାଜରୁ ଜାତିଆଣ ମନୋଭାବ , ଅପମାନ , ଆଦି ଦଳିତ ମଣିଷ ମଥାରୁ ପୋଛି, ସାମ୍ୟବାଦୀ ସମାଜ

ପ୍ରତିଷ୍ଠା

ଚ) ନିଜ ସନ୍ତାନ ଭାବି

ଛ)ଜାତି ,ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ବନ୍ଧନ ରେ ବାନ୍ଧି ହୋଇଥାନ୍ତି।

୧୦/୧୧) ସରଳାର୍ଥ – ପ୍ରାବନ୍ଧିକ/ କବିଙ୍କ ନାମ ଓ ପ୍ରସଙ୍ଗ ନିର୍ଦ୍ଦେଶ -2 (5 + 5

୧୨) ଲେଖକ ପରିଚୟ ଓ ବିଷୟ ନିର୍ଦ୍ଦେଶ – 1 5

ବିଷୟବସ୍ତୁ -3 , ମନ୍ତବ୍ୟ -1

୧୩) ଉପକ୍ରମ -1 , ବିଷୟବସ୍ତୁ ବିଶ୍ଳେଷଣ -4 , ଭାଷା ଓ ବର୍ଣ୍ଣନା -2 , ଉପସଂହାର -1 8

୧୪) ସମ୍ପାଦକଙ୍କୁ ସମ୍ବୋଧନ ଓ ଠିକଣା -2 7

ବିଷୟବସ୍ତୁ -3

ଭାଷା ଓ ଲିଖନ ଶୈଳୀ -2

– ୦ –